# D.A.V. PUBLIC SCHOOLS, POKHARIPUT, BBSR
## TERM - 1 (2020-2021)
## CLASS – VI
## SUBJECT – LOWER ODIA

**TIME- 90 MINUTES SET -A Maximum Marks -40**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ପ୍ରଶ୍ନପତ୍ରରେ ସର୍ବମୋଟ **୪୦ଟି ପ୍ରଶ୍ନ** ଅଛି ।
- ପ୍ରତ୍ୟେକ ପ୍ରଶ୍ନର **୪ଟି ( i ) (ii) (iii) (iv) ବହୁବୈକଳ୍ପିକ ଉତ୍ତର** ପ୍ରଦାନ କରାଯାଇଛି ।
- ସେଥିମଧ୍ୟରୁ ଠିକ୍ ଉତ୍ତରଟି ଉତ୍ତରମାଳାରେ ଚିହ୍ନିତ କର ।
- ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ ।

**ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ (ସଂଖ୍ୟା ୧ ରୁ ୫ ପର୍ଯ୍ୟନ୍ତ )ଗୁଡ଼ିକର ଠିକ୍ ଉତ୍ତର ବାଛ । (୪୦X୧=୪୦)**

ନିତିଦିନିଆ ଜୀବନରେ ଦିନ ହେଉ ବା ରାତିହେଉ ଘରୁ ବାହାରିଲେ ରାସ୍ତାରେ ଅସଂଖ୍ୟ ଗାଡ଼ିମଟର ଯିବା ଆସିବା କରୁଥିବା ଦେଖୁ । ଚାଲିଲାବେଳେ ହେଉ ବା ଗାଡ଼ି ଚଳାଇବା ବେଳେ ସତର୍କତା ଅବଲମ୍ବନ କଲେ ଏବଂ ରାସ୍ତାର ନିୟମ ମାନିଲେ ଆମେ ଦୁର୍ଘଟଣାକୁ ଏଡ଼ାଇ ଯାଇପାରିବା । ସେଥିପାଇଁ ପ୍ରତିବର୍ଷ ଜାନୁଆରି ମାସ ପ୍ରଥମ ସୋମବାରରୁ ରବିବାର ପର୍ଯ୍ୟନ୍ତ ,ସଡ଼କ ସୁରକ୍ଷା ସପ୍ତାହ ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଏ । ସଡ଼କ ଦୁର୍ଘଟଣାରେ ଆମଦେଶ ଭାରତବର୍ଷ ପୃଥିବୀରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ପ୍ରତିଦିନ ପ୍ରାୟ ଭାରତରେ ହାରାହାରି ୯ଜଣ ଲୋକ ଦୁର୍ଘଟଣାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ବେଳେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହେଉଛନ୍ତି । ଦୁର୍ଘଟଣାରେ ଆହତ ହେଉଥିବା ଲୋକମାନଙ୍କ ମଧ୍ୟରୁ ଯୁବକ ଯୁବତୀ ଓ ପିଲାମାନଙ୍କ ସଂଖ୍ୟା ଅଧିକ । ନିୟମ ଅଛି ପ୍ରତି ୪ଟି ଦୁର୍ଘଟଣା ମଧ୍ୟରୁ ଗୋଟିଏରେ ଡ୍ରାଇଭର ହିଁ ଦାୟୀ ହୋଇଥାଏ । ଏହାର ପ୍ରଥମ କାରଣ ସଚେତନର ଅଭାବ ହୋଇଥିବାବେଳେ ଦ୍ୱିତୀୟ ଅନ୍ୟମନସ୍କତା ଓ ତୃତୀୟ ନିଶାଶକ୍ତ ଗାଡ଼ିଚାଳନା । ଏଭଳି ଅନେକ କାରଣ ପାଇଁ ସଡ଼କ ଦୁର୍ଘଟଣା ଘଟିଥାଏ । ଗାଡ଼ିଚାଳକ ସଚେତନ ହେଲେ ଏବଂ ନିଜ ନିୟନ୍ତ୍ରଣରେ ରହି ଗାଡ଼ି ଚାଳନା କଲେ ସଡ଼କ ଦୁର୍ଘଟଣା ହେବା ଅସମ୍ଭବ । ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଜାନୁଆରି ମାସର ପ୍ରଥମ ସୋମବାରରୁ ରବିବାର ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସପ୍ତାହ ଦିବସ ପାଳନ କରାଯାଏ । ଏହିଦିନ ବିଶେଷକରି ବିଭିନ୍ନ ସ୍ଥାନରେ ସଭାସମିତି,ଶୋଭାଯାତ୍ରା କରାଯାଇ ଗାଡ଼ିଚଳାଇବାର ବିଭିନ୍ନ ଦିଗପ୍ରତି ସଚେତନତା ସୃଷ୍ଟି କରାଯାଇଥାଏ । ଏପରିକି ଗାଡ଼ି ଚାଳକମାନଙ୍କର ଚକ୍ଷୁ ପରୀକ୍ଷା ମଧ୍ୟ କରାଯାଇଥାଏ ।

**ପ୍ରଶ୍ନାବଳୀ :-**

**୧ . ସଡ଼କ ଦୁର୍ଘଟଣାରେ ଆହତ ହେଉଥିବା ଲୋକମାନଙ୍କ ମଧ୍ୟରୁ କେଉଁମାନଙ୍କ ସଂଖ୍ୟା ଅଧିକ ?**

(i) ବୁଢ଼ା-ବୁଢ଼ୀମାନଙ୍କର ସ୍ଥାନ ଅଧିକ

(ii) ଛୋଟ-ଛୋଟ ପିଲାମାନଙ୍କର ସ୍ଥାନ ଅଧିକ

(iii) ଯୁବକ ଯୁବତୀ ଓ ପିଲାମାନଙ୍କ ସଂଖ୍ୟା ଅଧିକ

(iv) ମୂର୍ଖମାନଙ୍କର ସଂଖ୍ୟା ଅଧିକ

୨. ସଡ଼କ ଦୁର୍ଘଟଣା ହେବା ପଛରେ ମୁଖ୍ୟତଃ କେଉଁ କାରଣ ରହିଛି ?

(i) ଅପରିପକ୍ୱତା ,ନିଶା ସେବନ

(ii) ନିଜର ପ୍ରତିଭା ପ୍ରଦର୍ଶନ

(iii) ଟ୍ରାଫିକ୍ ସିଗ୍ନାଲ୍‌କୁ ମାନିବା

(iv) ସଚେତନତାର ଅଭାବ, ଅନ୍ୟମନସ୍କତା, ନିଶାଶକ୍ତ ଗାଡ଼ିଚାଳନା

୩. ସଡ଼କ ସପ୍ତାହ ଦିବସ କେବେ ପାଳନ କରାଯାଏ ?

(i) ପ୍ରତିବର୍ଷ ଜାନୁଆରି ମାସ ପ୍ରଥମ ସୋମବାରରୁ ରବିବାର

(ii) ପ୍ରତିବର୍ଷ ଜାନୁଆରି ମାସ ଦ୍ୱିତୀୟ ସୋମବାରରୁ ଶନିବାର

(iii) ପ୍ରତିବର୍ଷ ଜାନୁଆରି ମାସ ତୃତୀୟ ସୋମବାରରୁ ରବିବାର

(iv) ପ୍ରତିବର୍ଷ ଜାନୁଆରି ମାସ ଚତୁର୍ଥ ସୋମବାରରୁ ରବିବାର

୪. ପ୍ରତିଦିନ ଭାରତରେ ପ୍ରାୟ କେତେ ଲୋକ ଦୁର୍ଘଟଣାରେ ଆହତ ହେଉଛନ୍ତି ?

(i) ୫୦ରୁ କମ୍

(ii) ୧୦୦ରୁ ଊର୍ଦ୍ଧ୍ୱ

(iii) ୯ ଜଣ

(iv) ୪ଜଣ

୫. ସଡ଼କ ଦୁର୍ଘଟଣାରେ ଆମଦେଶ ଭାରତବର୍ଷ ପୃଥିବୀରେ କେଉଁ ସ୍ଥାନ ଅଧିକାର କରିଛି ?

(i) ପୃଥିବୀରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି

(ii) ପୃଥିବୀରେ ତୃତୀୟ ସ୍ଥାନ ଅଧିକାର କରିଛି

(iii) ପୃଥିବୀରେ ଚତୁର୍ଥ ସ୍ଥାନ ଅଧିକାର କରିଛି

**(iv)** ପୃଥିବୀରେ ପଞ୍ଚମ ସ୍ଥାନ ଅଧିକାର କରିଛି

୬. ' ନିଶାପ' ଶବ୍ଦର ଉପଯୁକ୍ତ ଅର୍ଥ ଚିହ୍ନଟ କର ।

**(i)** ନିୟମ

**(ii)** ସମାଧାନ

**(iii)** ମୁନିଆଁ

**(iv)** ପର୍ବ

୭. ' ମଧୁକାଳ' ଶବ୍ଦର ଉପଯୁକ୍ତ ଅର୍ଥ ଚିହ୍ନଟ କର ।

**(i)** କଥା

(ii) ପିଲାଦିନ

**(iii)** ମହୁ

(iv) ବସନ୍ତଋତୁ

୮. 'ଭଲ' ଶବ୍ଦର ବିପରୀତ ଶବ୍ଦ ଚିହ୍ନଟ କର ।

**(i)** ଫଲ

**(ii)** କଲବଲ

**(iii)** ଭଲା

(iv) ମନ୍ଦ

୯. 'ନୂତନ' ଶବ୍ଦର ବିପରୀତ ଶବ୍ଦ ଚିହ୍ନଟ କର ।

**(i)** ପୁରାତନ

**(ii)** ନବୀନ

**(iii)** ଫୁତନ

(iv) ତନତନ

୧୦. 'ପାରାବାର' ଶବ୍ଦର ଉପଯୁକ୍ତ ପ୍ରତିଶବ୍ଦ ଚିହ୍ନଟ କର ।

**(i)** ଚନ୍ଦ୍ର

(ii) ଆକାଶ

(iii) ସିନ୍ଧୁ

(iv) ବିନ୍ଦୁ

୧୧. ' ଧରା' ଶବ୍ଦର ଉପଯୁକ୍ତ ପ୍ରତିଶବ୍ଦ ଚିହ୍ନଟ କର ।

**(i)** ଖରା

**(ii)** ବରା

**(iii)** ମଣିଷ

**(iv)** ପୃଥିବୀ

୧୨. ଅସ୍ତ ହେଲେ --------- ହେଲା ଦିନ ଶେଷ । (ଶୂନ୍ୟସ୍ଥାନ ପାଇଁ ଠିକ୍ ଶବ୍ଦଟିକୁ ଚିହ୍ନଟ କର ।)

**(i)** ଯଦୁମଣି

(ii) ବନବଣି

(iii) ଦିନମଣି

(iv) ତାରାଗଣ

୧୩. ସୁଦାମ ବାବୁଙ୍କର---------- କରେ । (ଶୂନ୍ୟସ୍ଥାନ ପାଇଁ ଠିକ୍ ଶବ୍ଦଟିକୁ ଚିହ୍ନଟ କର ।)

**(i)** ରୋଷେଇ

(ii) ପୂଜା

(iii) ହେପାଜତ୍

(iv) ବୋଲହାକ

୧୪. ' ମେଳା' ଶବ୍ଦ ସହ କ'ଣ ଯୋଗ କଲେ ଶବ୍ଦଦ୍ୱୟର ମିଳନ ଘଟିବ ?

**(i)** ଯାତ୍ରା

(ii) ବାଣୀ

(iii) ସାଥୀ

(iv) ପ୍ରାଣ

୧୫. ' ପ୍ରବେଶିକା' ଶବ୍ଦ ସହ କ'ଣ ଯୋଗ କଲେ ଶବ୍ଦଦ୍ୱୟର ମିଳନ ଘଟିବ ?

**(i)** ପରୀକ୍ଷା

(ii) ଲୁଗା

(iii) ମୁଣ୍ଡ

(iv) ଅନ୍ଧାର

୧୬. ' ଚିନ୍ତାମଗ୍ନ' ଶବ୍ଦକୁ ନେଇ ସାର୍ଥକ ବାକ୍ୟକୁ ଚିହ୍ନଟ କର ।

**(i)** ଚିନ୍ତାମଗ୍ନ ଦେଉଥିଲେ ଦେଶବାସୀଙ୍କୁ ମହାତ୍ମା ।

**(ii)** ପରୀକ୍ଷାର ଫଳାଫଳ ଦେଖି ପିତା ଚିନ୍ତାମଗ୍ନ ଅବସ୍ଥାରେ ବସିଲେ ।

**(iii)** ଗୋପବନ୍ଧୁଙ୍କ ଚିନ୍ତାମଗ୍ନରେ ଉତ୍କଳବାସୀ ।

**(iv)** ସ୍ୱାଧୀନତା ଚିନ୍ତାମଗ୍ନ ଦିବସରେ ପ୍ରଧାନ ଶିକ୍ଷୟିତ୍ରୀ ଦେଲେ ।

୧୭. ' ଏକତା' ଶବ୍ଦକୁ ନେଇ ସାର୍ଥକ ବାକ୍ୟକୁ ଚିହ୍ନଟ କର ।

**(i)** ସଂସାରରେ କିଏ ଏକତା ହେଲେ ରହିବା ପାଇଁ ।

**(ii)** ଏଠାରୁ ଦୂରେଇ ପରିପକ୍ୱ ଏକତା ଯାଅ ।

**(iii)** ଏକତା ହିଁ ବଳ ।

**(iv)** କର୍ମ ମିଳେ ଜ୍ଞାନ ପରିପକ୍ୱ ଏକତା ହେଲେ ଶକ୍ତି କରିବାର ।

୧୮. 'ତୋଫା କରନ୍ତି କ୍ଷିତି' ପଦଟିର ଅର୍ଥ କ'ଣ ?

**(i)** ପୋଖରୀ ସଫା କରନ୍ତି

**(ii)** ଜମିରେ ଚାଷ କରନ୍ତି

**(iii)** ପୃଥିବୀକୁ ଉଜ୍ଜ୍ୱଳ କରନ୍ତି

**(iv)** କୂଅ ସଫା କରନ୍ତି

୧୯. ଦୟାମୟଙ୍କ ଚର କହିଲେ କ'ଣ ବୁଝାଯାଏ ?

**(i)** ଯମଙ୍କର ଦୂତ

**(ii)** ଲୋକଙ୍କ ଘରେ ଚୋରି କରନ୍ତି

**(iii)** ଅନ୍ୟମାନଙ୍କୁ କଷ୍ଟ ଦିଅନ୍ତି

**(iv)** ଭଗବାନଙ୍କ ଦୂତ

୨୦. ଧୂଳିରେ କ'ଣ କ'ଣ ସବୁ ଗଢ଼ା ହୋଇଛି ?

**(i)** ପାହାଡ଼,ପଡ଼ିଆ,ନଗର

**(ii)** ନଡ଼ିଆ , ପଡ଼ିଆ, ବଡ଼ିଆ

**(iii)** ଗଡ଼ିଆ, ପଡ଼ିଆ , ଟଗର

**(iv)** ଡଗର , ପାହାଡ଼ , ସାଗର

୨୧." ପାଠ ପଢ଼ିବି , କାଳିଆ ଘୋଡ଼ାରେ ଚଢ଼ିବି , ମଧୁବାବୁ ସଙ୍ଗେ ଲଢ଼ିବି । " ଏ ଢଗଟି କାହା ମୁହଁରୁ ଶୁଣିବାକୁ ମିଳେ ?

(i) ସୁଦାମ ମୁହଁରୁ

(ii) ମଧୁବାବୁଙ୍କ ମୁହଁରୁ

(iii) ଲୋକମାନଙ୍କ ମୁହଁରୁ

(iv) କାହାରି ମୁହଁରୁ ନୁହେଁ

୨୨.ମଧୁବାବୁଙ୍କ ଘରେ ଆଜି କେଉଁ କଲେଜ ଠିଆ ହୋଇଛି ?

(i) ରମାଦେବୀ ମହିଳା କଲେଜ

(ii) ଶୈଳବାଳା  ମହିଳା କଲେଜ

(iii) କମଳା ନେହେରୁ ମହିଳା କଲେଜ

(iv) ଇନ୍ଦିରାଗାନ୍ଧି ମହିଳା କଲେଜ

୨୩. ମଧୁବାବୁ ସୁଦାମ ଉପରେ କାହିଁକି ରାଗିଲେ ?

(i) କ୍ଷୀର ବିକି ପଇସା ନେଉଥିବାରୁ

**(ii)** କ୍ଷୀର ବିକି ପଇସା ନନେଉଥିବାରୁ

(iii) ଗାଈମାନଙ୍କର ହେପାଜତ୍ କରୁନଥିବାରୁ

**(iv)** ଘୋଡ଼ାମାନଙ୍କୁ ଖାଇବାକୁ ଦେଉ ନଥିବାରୁ

୨୪. ମଧୁବାବୁ କେଉଁ ମସିହାରେ ଜନ୍ମଗ୍ରହଣ କରିଥିଲେ ?

(i) ୧୮୪୬

(ii) ୧୮୪୭

(iii) ୧୮୪୮

(iv) ୧୮୪୯

**୨୫. ନୂଆ ନୂଆ ପୋଷାକ ପାଇଁ ପାଗଳ ହୋଇ ରାଜା ଦିନେ କ'ଣ ଘୋଷଣା କଲେ ?**

(i) ନୂତନ ପୋଷାକ ନିମନ୍ତେ ପାଞ୍ଚଶହ ସୁନା ମୋହର ପୁରସ୍କାର ପ୍ରଦାନ କରିବେ ।

(ii) ନୂତନ ପୋଷାକ ନିମନ୍ତେ ଆଠଶହ ସୁନା ମୋହର ପୁରସ୍କାର ପ୍ରଦାନ କରିବେ ।

(iii) ନୂତନ ପୋଷାକ ନିମନ୍ତେ ଏକ ହଜାର ସୁନା ମୋହର ପୁରସ୍କାର ପ୍ରଦାନ କରିବେ ।

(iv) ନୂତନ ପୋଷାକ ନିମନ୍ତେ ଦୁଇ ହଜାର ସୁନା ମୋହର ପୁରସ୍କାର ପ୍ରଦାନ କରିବେ ।

**୨୬. ନୂତନ ପରିଚ୍ଛଦଟି ଦେଖିବା ପାଇଁ ରାଜା ପ୍ରଥମେ କାହାକୁ ପଠାଇଥିଲେ ?**

(i) ପ୍ରଧାନମନ୍ତ୍ରୀ

(ii) ପ୍ରଧାନ ବିଚାରପତି

(iii) କାରିଗର

(iv) ପାତ୍ରମନ୍ତ୍ରୀ

**୨୭. ଅଦ୍ଭୁତ ବସ୍ତ୍ରର ବିଶେଷ ଗୁଣ କ'ଣ ?**

(i) ବୁଦ୍ଧିହୀନ ଓ ନିଜ ଆସନ ପାଇଁ ଅଯୋଗ୍ୟ ବ୍ୟକ୍ତିକୁ ବସ୍ତ୍ର ଦେଖାଯିବ ନାହିଁ ।

(ii) ବୁଦ୍ଧିହୀନ ଓ ନିଜ ଆସନ ପାଇଁ ଯୋଗ୍ୟ ବ୍ୟକ୍ତିକୁ ବସ୍ତ୍ର ଦେଖାଯିବ ନାହିଁ ।

(iii) ବୁଦ୍ଧିମାନ ଓ ନିଜ ଆସନ ପାଇଁ ଅଯୋଗ୍ୟ ବ୍ୟକ୍ତିକୁ ବସ୍ତ୍ର ଦେଖାଯିବ ନାହିଁ ।

(iv) ବୁଦ୍ଧିମାନ ଓ ନିଜ ଆସନ ପାଇଁ ଯୋଗ୍ୟ ବ୍ୟକ୍ତିକୁ ବସ୍ତ୍ର ଦେଖାଯିବ ନାହିଁ ।

**୨୮. " ବାଃ , ଚମତ୍କାର ହୋଇଛି । " – ଏହା କିଏ କହିଲେ ?**

(i) ରାଜା

**(ii)** ପ୍ରଧାନ ବିଚାରପତି

**(iii)** ରାଜ କର୍ମଚାରୀ

**(iv)** ପ୍ରଧାନମନ୍ତ୍ରୀ

**୨୯.ସନ୍ଧ୍ୟାବେଳେ ଚାଷୀ କାହିଁକି ଆନନ୍ଦରେ ଘରକୁ ଫେରେ ବୋଲି କୁହାଯାଇଛି ?**

(i) ଦିନସାରା ପରିଶ୍ରମ ନକରି ବିଶ୍ରାମ କରିବାକୁ ଅବସର ପାଏ ।

(ii) ଦିନସାରା ପରିଶ୍ରମ କଲାପରେ ବିଶ୍ରାମ କରିବାକୁ ଅବସର ପାଏ ।

(iii) ଗାଁ ଲୋକମାନଙ୍କ ସହିତ ବୁଲିବାକୁ ଯିବ ବୋଲି ।

(iv) ସନ୍ଧ୍ୟାବେଳେ ଘରେ ଭଲ ଖାଇବାକୁ ମିଳିବ ବୋଲି ।

**୩୦. ସନ୍ଧ୍ୟା ହେଲେ ଗୋରୁପଲ କ'ଣ କରନ୍ତି ?**

(i) ଘରୁ ବାହାରକୁ ବାହାରି ଯାଆନ୍ତି ।

(ii) ହମ୍ବାରଡ଼ି ଆରମ୍ଭ କରିଦିଅନ୍ତି ।

(iii) ଖାଦ୍ୟ ଖୋଜିବାକୁ ଯାଆନ୍ତି ।

(iv) ହମ୍ବା ରଡ଼ିଦେଇ ଘରକୁ ଫେରନ୍ତି ।

**୩୧. ତାରାମାନେ ଆକାଶରେ କିପରି ଶୋଭା ପାଆନ୍ତି ?**

(i) ଉଜ୍ଜ୍ୱଳ ସୂର୍ଯ୍ୟ ପରି ଶୋଭା ପାଆନ୍ତି ।

**(ii)** ପକ୍ଷୀମାନଙ୍କ ପରି ଶୋଭା ପାଆନ୍ତି ।

(iii) ରତ୍ନ ଦୀପାବଳି ପରି ଶୋଭା ପାଆନ୍ତି ।

**(iv)** ଘନ ମେଘପରି ଶୋଭା ପାଆନ୍ତି ।

**୩୨. 'ସନ୍ଧ୍ୟା' କବିତାର କବି କିଏ ?**

(i) ମଧୁସୂଦନ ଦାସ

**(ii)** ମଧୁସୂଦନ ରାଓ

**(iii)** ନନ୍ଦ କିଶୋର ବଳ

**(iv)** ଗୋଦାବରୀଶ ମିଶ୍ର

**୩୩. 'ପିଲାଟି ବାଲ୍ୟକାଳରେ ଗଛମୂଳେ ବସି କ'ଣ କରୁଥିଲା ?**

(i) ଘାସ କାଟୁଥିଲା

**(ii)** ବହି ପଢୁଥିଲା

**(iii)** ଶୋଇ ପଡୁଥିଲା

**(iv)** ହାର ଗୁନ୍ଥୁଥିଲା

**୩୪. ପିଲାଟି କାହିଁକି ଗଛ ହାଣିବା ପାଇଁ କାଠୁରିଆକୁ ମନାକଲା ?**

(i) ଗଛ ଆମର ପୈତୃକ ସମ୍ପତ୍ତି- ଅନେକ ସ୍ମୃତି ସହିତ ଜଡ଼ିତ ।

(ii) ଧରଣୀରାଣୀ ସୁନ୍ଦର ଦେଖାଯାଏ - ବାପା ଜେଜେବାପା ଲଗାଇଥିଲେ ।

(iii) ଅନେକ ସ୍ମୃତି ସହିତ ଜଡ଼ିତ - ଧରଣୀରାଣୀ ସୁନ୍ଦର ଦେଖାଯାଏ ।

(iv) ବାଟୋଇ ବିଶ୍ରାମ ନିଏ – ବାପା ଜେଜେବାପା ଲଗାଇଥିଲେ -ଅନେକ ସ୍ମୃତି ସହିତ ଜଡ଼ିତ ।

**୩୫. ଗଛଠାରୁ ଆମେ କ'ଣ କ'ଣ ପାଇଥାଉ ?**

(i) ମୋବାଇଲ – ଲାପଟପ୍-ଟିଭି

(ii) ସୂର୍ଯ୍ୟ- ଚନ୍ଦ୍ର-ତାରା-ଆକାଶ

(iii) ଫୁଲ-ଫଳ-ଜଳ-ଛାଇ-କାଠ-ଅମ୍ଳଜାନ-ଔଷଧ

(iv) ଲୁହା-ମାଙ୍ଗାନିଜ୍ -ପେଟ୍ରୋଲ

**୩୬. ଗଛଟି ପ୍ରତି ପିଲାଟି ମନରେ କ'ଣ ଭରିରହିଛି ?**

(i) ସ୍ନେହ-ମାୟା ମମତା -ଦରଦ

(ii) କ୍ରୋଧ – ବିରାଗ - ଘୃଣା

(iii) ବିତୃଷ୍ଣା – କ୍ରୋଧ - ରାଗ

(iv) ଘୃଣା – ବିଭତ୍ସ- ଅସୀମ କ୍ରୋଧ

୩୭. ବଣ୍ଡାମାନେ କେଉଁ  ପରବ ପାଳନ୍ତି ନାହିଁ ?

(i) ପୁଷ ପରବ

**(ii)** ବୈଶାଖୀ ପରବ

**(iii)** ମାଘ ପରବ

**(iv)** ଚଇତି ପରବ

୩୮. ବଣ୍ଡାଲୋକମାନେ କେଉଁ ଜିଲ୍ଲାରେ ବାସ କରନ୍ତି  ?

(i) କେନ୍ଦୁଝର

**(ii)** ସମ୍ବଲପୁର

**(iii)** ମୟୂରଭଞ୍ଜ

**(iv)** ମାଲ୍କାନ୍‌ଗିରି

୩୯. ବଣ୍ଡାମାନଙ୍କ ସହିତ ମିଶି ପାରିଲେ ସେମାନେ କ'ଣ ଡାକନ୍ତି  ?

(i) ମଇତର

**(ii)** ସଙ୍ଗାତ

**(iii)** ସାଙ୍ଗ

**(iv)** ବନ୍ଧୁ

୪୦. ବଣ୍ଡା ଲୋକମାନେ ଠାକୁର ଠାକୁରାଣୀଙ୍କୁ କାହାପାଇଁ ମାଗନ୍ତି  ?

(i) ନିଜ ପାଇଁ

**(ii)** ବାପାମାଆଙ୍କ ପାଇଁ

**(iii)** ସସସ୍ତଙ୍କ ପାଇଁ

**(iv)** ପିଲାଛୁଆଙ୍କ ପାଇଁ

**************

# D.A.V. PUBLIC SCHOOLS, POKHARIPUT, BBSR
## TERM - 1 (2020-2021)
## CLASS – VI
## SUBJECT – LOWER ODIA
**TIME- 90 MINUTES** **SET -A** **Maximum Marks -40**

**ANSWER KEY**

| Qs No | Answer |
|---|---|
| ୧ | (iii) ଯୁବକ ଯୁବତୀ ଓ ପିଲାମାନଙ୍କ ସଂଖ୍ୟା ଅଧିକ |
| ୨ | (iv) ସଚେତନତାର ଅଭାବ, ଅନ୍ୟମନସ୍କତା, ନିଶାଶକ୍ତ ଗାଡ଼ିଚାଳନା |
| ୩ | (i) ପ୍ରତିବର୍ଷ ଜାନୁଆରି ମାସ ପ୍ରଥମ ସୋମବାରରୁ ରବିବାର |
| ୪ | (ii) ୧୦୦ରୁ ଉର୍ଦ୍ଧ୍ୱ |
| ୫ | (i) ପୃଥିବୀରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି |
| ୬ | **(ii)** ସମାଧାନ |
| ୭ | **(iv)** ବସନ୍ତଋତୁ |
| ୮ | **(iv)** ମନ୍ଦ |
| ୯ | **(i)** ପୁରାତନ |
| ୧୦ | **(iii)** ସିନ୍ଧୁ |
| ୧୧ | **(iv)** ପୃଥିବୀ |
| ୧୨ | **(iii)** ଦିନମଣି |
| ୧୩ | **(iv)** ବୋଲହାକ |
| ୧୪ | **(i)** ଯାତ୍ରା |
| ୧୫ | **(i)** ପରୀକ୍ଷା |
| ୧୬ | **(ii)** ପରୀକ୍ଷାର ଫଳାଫଳ ଦେଖି ପିତା ଚିନ୍ତାମଗ୍ନ ଅବସ୍ଥାରେ ବସିଲେ । |
| ୧୭ | **(iii)** ଏକତା ହିଁ ବଳ । |
| ୧୮ | (iii) ପୃଥିବୀକୁ ଉଜ୍ଜ୍ୱଳ କରନ୍ତି |
| ୧୯ | (iv) ଭଗବାନଙ୍କ ଦୂତ |

| | |
|---|---|
| ୨୦ | (i)ପାହାଡ଼,ପଡ଼ିଆ,ନଗର |
| ୨୧ | (iii) ଲୋକମାନଙ୍କ ମୁହଁରୁ |
| ୨୨ | (ii) ଶୈଳବାଳା ମହିଳା କଲେଜ |
| ୨୩ | (i) କ୍ଷୀର ବିକି ପଇସା ନେଉଥିବାରୁ |
| ୨୪ | (iii) ୧୮୪୮ |
| ୨୫ | (iii) ନୂତନ ପୋଷାକ ନିମନ୍ତେ ଏକ ହଜାର ସୁନା ମୋହର ପୁରସ୍କାର ପ୍ରଦାନ କରିବେ । |
| ୨୬ | (i) ପ୍ରଧାନମନ୍ତ୍ରୀ |
| ୨୭ | (i) ବୁଦ୍ଧିହୀନ ଓ ନିଜ ଆସନ ପାଇଁ ଅଯୋଗ୍ୟ ବ୍ୟକ୍ତିକୁ ବସ୍ତ୍ର ଦେଖାଯିବ ନାହିଁ । |
| ୨୮ | (iii) ରାଜ କର୍ମଚାରୀ |
| ୨୯ | (ii) ଦିନସାରା ପରିଶ୍ରମ କଲାପରେ ବିଶ୍ରାମ କରିବାକୁ ଅବସର ପାଏ । |
| ୩୦ | (iv) ହମ୍ବା ରଡ଼ିଦେଇ ଘରକୁ ଫେରନ୍ତି । |
| ୩୧ | (iii) ରତ୍ନ ଦୀପାବଳି ପରି ଶୋଭା ପାଆନ୍ତି । |
| ୩୨ | (ii) ମଧୁସୂଦନ ରାଓ |
| ୩୩ | (ii) ବହି ପଢୁଥିଲା |
| ୩୪ | (iv) ବାଟୋଇ ବିଶ୍ରାମ ନିଏ – ବାପା ଜେଜେବାପା ଲଗାଇଥିଲେ -ଅନେକ ସ୍ମୃତି ସହିତ ଜଡ଼ିତ । |
| ୩୫ | (iii) ଫୁଲ-ଫଳ-ଜଳ-ଛାଇ-କାଠ-ଅମ୍ଳଜାନ-ଔଷଧ |
| ୩୬ | (i) ସ୍ନେହ-ମାୟା ମମତା -ଦରଦ |
| ୩୭ | (ii) ବୈଶାଖୀ ପରବ |
| ୩୮ | (iv) ମାଲ୍‌କାନ୍‌ଗିରି |
| ୩୯ | (i) ମଇତର |
| ୪୦ | (iii) ସସନ୍ତଙ୍କ ପାଇଁ |